ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ୍
13th May, 2019

# ଆଇଆଇଟି ଭୁବନେଶ୍ୱର: ଟାଙ୍ଗରା ଭୂଇଁରେ ସୃଷ୍ଟି ହୋଇଥିଲା ସବୁଜ ବଳୟ

ଭୁବନେଶ୍ୱର,୧୨।୫(ଭୁ.ପ୍ର): ଫଣି ବାତ୍ୟାରେ ଆଇଆଇଟି, ଭୁବନେଶ୍ୱରର ଅନେକ ପ୍ରକାର କ୍ଷୟକ୍ଷତି ଘଟିଛି । କିନ୍ତୁ ଗତ ଚାରିବର୍ଷ ଧରି ଟାଙ୍ଗରା ଭୂଇଁକୁ ସବୁଜ ବଳୟରେ ପରିଣତ କରିବା ପାଇଁ ଯେଉଁ ଉଦ୍ୟମ ଚାଲିଥିଲା ତାହା ବହୁ ପଛକୁ ଠେଲି ହୋଇଯାଇଛି । କ୍ୟାମ୍ପସ୍ ଭିତରେ ଅନେକ ଗଛ ଭାଙ୍ଗି ଯାଇଥିବା ବେଳେ ଅନୁଷ୍ଠାନର ଉଦ୍ୟାନ କୃଷିର ପ୍ରଭୂତ କ୍ଷତି ଘଟିଛି । ଏଠାରେ ଥିବା ଅନେକ ଦୁର୍ଲଭ ବୃକ୍ଷ ଲତା ନଷ୍ଟ ହୋଇଥିବା ବେଳେ ଭିତ୍ତିଭୂମି ଭୁଶୁଡ଼ି ପଡିଛି ।

## ବାତ୍ୟା ସବୁ ଉଜାଡ଼ି ଦେଲା

ଜଟଣୀ, ଅରୁଗୁଳ ଠାରେ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍ ଆରମ୍ଭ ସମୟରେ ସେଠାରେ ଗଛ ସଂଖ୍ୟା ବହୁତ କମ୍ ଥିଲା । ତେବେ କ୍ୟାମ୍ପସ୍‌ର କଳେବର ବୃଦ୍ଧି ପାଇବା ସହ ଟାଙ୍ଗରା ଭୂଇଁ ଧୀରେ ଧୀରେ ସବୁଜ ବଳୟ ଧାରଣ କରିବା ଆରମ୍ଭ କରିଥିଲା । ଦେଶର ଏହି ଖ୍ୟାତନାମା ଶିକ୍ଷାନୁଷ୍ଠାନ ବ୍ୟାପକ ବୃକ୍ଷ ରୋପଣକୁ ନିଜ କାର୍ଯ୍ୟ ଖସଡ଼ାରେ ସ୍ଥାନ ଦେଇଥିବା ବେଳେ ନିୟମିତ ଭାବେ ଗଛ ଲଗା ଯାଉଥିଲା । କ୍ୟାମ୍ପସ୍ ଭିତରେ ଓ ବାହାରେ ଆଇଆଇଟି ଗଛ ଲଗାଇ ଥିଲା । ଏହାର ରକ୍ଷଣାବେକ୍ଷଣ ପାଇଁ ଅନୁଷ୍ଠାନ ବିପୁଳ ଅର୍ଥ ଖର୍ଚ୍ଚ କରିଥିଲା । ଏହି ଉଦ୍ୟମର ପରିଣାମ ମଧ୍ୟ ଆଇଆଇଟି ଏବଂ ଏହାର ଚତୁଃପାର୍ଶ୍ୱରେ ଦେଖିବାକୁ ମିଳେ । କିନ୍ତୁ ଫଣି ସବୁ ଉଜାଡ଼ି ଦେଇଛି । ଯେଉଁ ଟାଙ୍ଗରା ଭୂଇଁରେ ଦିନେ ଗାଈ ଗୋରୁ ଚରିବାକୁ ଯାଉନଥିଲେ, ସେଠାରେ ବିଭିନ୍ନ କିସମର, ନାନା ପ୍ରଜାତିର ଗଛ, ଫଳ, ଫୁଲ ଦେଖିବାକୁ ମିଳୁଥିଲା । ତେବେ ୩ ତାରିଖର ପ୍ରଳୟଙ୍କରୀ ବାତ୍ୟା ମାଡ଼ରେ ସବୁ ଛାରଖାର ହୋଇଯାଇଛି । ଆଇଆଇଟିର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ ଅନୁଷ୍ଠାନର ପରୀକ୍ଷାଗାର ସୁରକ୍ଷିତ ଥିଲେ ମଧ୍ୟ ଗଛଲତା, କୋଠା, ଛାତ୍ରାବାସ, କର୍ମଚାରୀଙ୍କ ବାସଭବନ କ୍ଷତିଗ୍ରସ୍ତ ହୋଇଛି । ପ୍ରାୟ ୩ କିମି ଲମ୍ବର ପାଚେରି ଭାଙ୍ଗି ଯାଇଛି । ଘଟଣା ଦିନ କିଛି କର୍ମଚାରୀ ଆହତ ମଧ୍ୟ ହୋଇଥିଲେ । ତେବେ ପରୀକ୍ଷା ଚାଲୁଥିବାରୁ ବାତ୍ୟାର ଗୋଟିଏ ଦିନ ପରେ ଓପିଟିସିଏଲ୍ ସହାୟତାରେ ବିଦ୍ୟୁତ ସଂଯୋଗ ଆସିପାରି ଥିଲା । ସେହିପରି ଜେଇଇ ଆଡଭାନ୍ସ ପରୀକ୍ଷା ପାଇଁ ଯେଉଁ ଛାତ୍ରଛାତ୍ରୀ ପଞ୍ଜୀକରଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଅରୁଗୁଳ ନେବା ଆଣିବା ପାଇଁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ବସ୍ ବ୍ୟବସ୍ଥା କରାଯାଇଛି । ବାତ୍ୟାରେ ପ୍ରାୟ ୧୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ପ୍ରାଥମିକ ଆକଳନରୁ ଜଣା ପଡିଛି । କ୍ଷତିପୂରଣ ଦେବା ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟକୁ ଅନୁରୋଧ କରାଯାଇଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି ।